ISSN 0973-3264

# ସପ୍ତର୍ଷି

ପ୍ରଥମ ସଂଖ୍ୟା - ୨୦୨୦

(ଜାନୁୟାରୀ - ମାର୍ଚ୍ଚ)




ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରକାଶନ

# ସୂଚୀପତ୍ର


| କ୍ର.ସଂ. | ବିଷୟ | ଲେଖକ | ପୃଷ୍ଠା |
|---|---|---|---|
| **ପ୍ରବନ୍ଧ ଓ ସମାଲୋଚନା ବିଭାଗ :-** | | | |
| ୧- | ଏକବିଂଶ ଶତାବ୍ଦୀରେ ଆତ୍ମଜୀବନୀର ଆବଶ୍ୟକତା | ଡ. ନାକୁ ହାଁସଦାଃ | ୧ |
| ୨- | ଓଡ଼ିଶାର ସାଂସ୍କୃତିକ ବିଭବ | ଡକ୍ଟର ଶୁକମୁନି ମେହେର | ୬ |
| ୩- | କବି ସୀତାକାନ୍ତ ମହାପାତ୍ରଙ୍କ ମିଥ୍ କାବ୍ୟୋପଲବ୍ଧି - ଆରଦୃଶ୍ୟ | ସୋମନାଥ ପଧାନ | ୧୧ |
| ୪- | ଆଶୁତୋଷଙ୍କ କବିତାରେ ସମକାଳୀନ ବାସ୍ତବତାର ରୂପାୟନ | ଡ. ସୁଶାନ୍ତ କୁମାର ପଣ୍ଡା | ୧୬ |
| ୫- | ସାରଳା ମହାଭାରତରେ ଧାର୍ମିକ ଚେତନା | ଉପାସନା ପାଣିଗ୍ରାହୀ | ୨୪ |
| ୬- | ଏକବିଂଶ ଶତାବ୍ଦୀର ଓଡ଼ିଆ କ୍ଷୁଦ୍ରଗଳ୍ପରେ ଦାଦନ ସମସ୍ୟା : ଏକ ଆଲୋଚନା | ସୁମନ୍ତ କୁମାର ଭୋଇ | ୨୭ |
| ୭- | ପୂର୍ଣ୍ଣାନନ୍ଦ ଦାନୀଙ୍କ ଗଳ୍ପର ଭାଷା ଓ ଶୈଳୀ | ଅମରେଶ ଠାକୁର | ୩୩ |
| ୮- | ଉତ୍ତର ଅଣୀ ଓଡ଼ିଆ ନାଟକରେ ପ୍ରତୀକର ସାର୍ଥକ ରୂପକାର : ନାଟ୍ୟକାର ପ୍ରମୋଦ କୁମାର ତ୍ରିପାଠୀ | ଦୀପଶିଖା ସୋହେଲା | ୩୬ |
| ୯- | ମାନସିଂହଙ୍କ କବିତାରେ ଆଧିଭୌତିକ ରୂପ | ଡ. ନମିତା ପ୍ରଧାନ | ୪୪ |
| ୧୦- | ଲୋକଗୀତରେ ବିସ୍ଥାପନ | ସୁଜାତା ସାହାଣୀ | ୫୨ |
| ୧୧- | ଓଡ଼ିଆ କବିତାରେ ପ୍ରଗତିବାଦୀ ଚେତନା (୧୯୩୫-୧୯୪୭) | ପ୍ରିୟଙ୍କା ସ୍ୱାଇଁ | ୫୬ |
| ୧୨- | ଗାଳ୍ପିକ ଗୌରହରି ଦାସଙ୍କ ଗଳ୍ପ ସଂକଳନ "ଆକାଶ ଦିନେ ନୀଳ ଥିଲା" - ଏକ ଅଧ୍ୟୟନ ।। | ଚିନ୍ମୟ ସାହୁ | ୬୦ |
| **ଗଳ୍ପ ବିଭାଗ :-** | | | |
| ୧୩- | ବାପାଙ୍କ ଫଟୋ | ପଦ୍ମିନୀ ପଣ୍ଡା | ୬୬ |
| ୧୪- | ସୁବର୍ଣ୍ଣ | ସତ୍ୟନାରାୟଣ ଠାକୁର | ୬୮ |
| ୧୫- | ସ୍ୱାଭିମାନ | ମାଧବାନନ୍ଦ ପାତ୍ର | ୭୨ |
| ୧୬- | ରୂପାନ୍ତର | ରୋହିତ କୁମାର ଦାଶ | ୭୬ |
| **କବିତା ବିଭାଗ :-** | | | |
| ୧୮- | କ୍ୟାମ୍ପସରେ ଶୀତ | ଡ. ଅଶ୍ୱିନୀ କୁମାର ରାୟ | ୯୩ |
| ୧୯- | ଈଶ୍ୱରମାନେ | କୃଷ୍ଣ ମିଶ୍ର | ୯୪ |

## ପ୍ରବନ୍ଧ ଓ ସମାଲୋଚନା ବିଭାଗ

# ଏକବିଂଶ ଶତାବ୍ଦୀରେ ଆତ୍ମଜୀବନୀର ଆବଶ୍ୟକତା

ଡ. ନାକୁ ହାଁସଦାଃ

ଆଜିର ସମୟକୁ ବିଜ୍ଞାନର ସମୟ ବୋଲି କୁହାଯାଇଥାଏ । ଏହାକୁ ମଧ୍ୟ ଇଣ୍ଟରନେଟ୍ ଯୁଗ, ବିଶ୍ୱଗ୍ରାମର ଯୁଗ, ସହରୀକରଣର ଯୁଗ ଏହିପରି କେତେ କ'ଣ କୁହାଯାଇଥାଏ । ଏତେବେଳକୁ ଏହି ମନୁଷ୍ୟ ଉନ୍ନତିର ଚରମ ସୀମାରେ ପଦାର୍ପଣ କରୁଥିବା କଥା ଘୋଷଣା କରୁଅଛି । କିନ୍ତୁ ଏତେ ସବୁ ସତ୍ତ୍ୱେ ମଧ୍ୟ ତାହା ପାଖରେ ଅସମାହିତ ପ୍ରଶ୍ନ ରହିଯାଇଛି । ଯାହାର ଉତ୍ତର ଏ ପର୍ଯ୍ୟନ୍ତ ସେ ଖୋଜି ଚାଲିଛି । ସେହି ପ୍ରଶ୍ନଗୁଡ଼ିକ ମଧ୍ୟରେ ନିଜ ସମ୍ବନ୍ଧରେ ମନ ଭିତରେ ଉଙ୍କିମାରୁଥିବା ଅନେକ ପ୍ରଶ୍ନ ଏହି ଯେପରିକି ମୁଁ କିଏ ? କାହିଁକି ଏଇ ଜଗତକୁ ଆସିଛି ? ଏଠାକୁ ଆସିବା ପରେ କ'ଣ ମୁଁ ପାଇଛି ? କ'ଣ ହରାଇଛି ? ଏହିପରି ବହୁତ କିଛି । ଏହି ପ୍ରଶ୍ନଗୁଡ଼ିକର ଉତ୍ତର ଖୋଜିବାକୁ ଯାଇ କେତେ ଶାସ୍ତ୍ର, ପୁରାଣ, ବିଭିନ୍ନ ଗ୍ରନ୍ଥାଦି ସୃଷ୍ଟି ହୋଇଛି । ଏହି ପ୍ରୟାସର ପରିଣାମରୁ ମଧ୍ୟ ଆତ୍ମଜୀବନୀ ସୃଷ୍ଟି ହୋଇଥିବା ଅନୁମାନ କରାଯାଇପାରେ । ସାହିତ୍ୟର ଅନ୍ୟ ବିଭାଗ ତୁଳନାରେ ଏହା ଅର୍ବାଚୀନ ହୋଇଥିଲେ ହେଁ ପାଠକ ମହଲରେ ତଥା ସମାଜରେ ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଲାଭ କରି ସାରିଅଛି । ତାହା ହୋଇନଥିଲେ ଆଜି ଏକବିଂଶ ଶତାବ୍ଦୀରେ ସମାଜର ଆଗଧାଡ଼ିର ବୁଦ୍ଧିଜୀବୀମାନଙ୍କ ଦ୍ୱାରା ଏହା ରଚନା କରାଯାଉ ନଥାନ୍ତା ।

ଏକବିଂଶ ଶତାବ୍ଦୀରର ଦେଢ଼ ଦଶକ ମଧ୍ୟରେ ଓଡ଼ିଆ ସାହିତ୍ୟରେ ବହୁ ଆତ୍ମଜୀବନୀ ଲେଖାଯାଇଛି । ସମାଜର ବିଭିନ୍ନ ବର୍ଗରେ ମଣିଷମାନଙ୍କ ମଧ୍ୟରେ ନିଜର ଆତ୍ମଜୀବନୀ ରଚନା ପାଇଁ ଏକ ପ୍ରବଣତା ସୃଷ୍ଟି ହୋଇଛି । ଅବଶ୍ୟ ଏମାନଙ୍କ ମଧ୍ୟରେ ଏପରି କିଛି ମହାନ ବ୍ୟକ୍ତି ଅଛନ୍ତି ଯେଉଁମାନଙ୍କ ଆତ୍ମଜୀବନୀ ସାଂପ୍ରତିକ ସମାଜ ମଣିଷ ପାଇଁ ଦିଗଦର୍ଶକର ଭୂମିକା ନିର୍ବାହ କରିପାରିବ । ସେମାନଙ୍କ ଜୀବନର ଅଭିଜ୍ଞତା ଓ ଉପଲବ୍ଧି ଆଗାମୀ ପିଢ଼ି ପାଇଁ ନିଶ୍ଚିତ ଭାବରେ ପ୍ରେରଣାର ଉତ୍ସ ହୋଇପାରିବ । ତେବେ କିଛି ଆତ୍ମଜୀବନୀରେ ନିଜ ନାୟକପଣ ସାବ୍ୟସ୍ତ ନିମିତ୍ତ ଆତ୍ମଜୀବନୀ ରଚନା କରିଥାନ୍ତି । ଅବଶ୍ୟ କାର୍ଲାଇଲ୍‌ଙ୍କ ପରି ଚିନ୍ତାନାୟକ ମହାପୁରୁଷମାନଙ୍କ ଜୀବନୀରୁ ଇତିହାସର ପ୍ରକୃତ ସତ୍ୟ ଉପଲବ୍ଧି ହୋଇଥାଏ ବୋଲି ମତ ଦେଇଥାନ୍ତି । ତେବେ ସେ ଯାହା ହେଉ ଆତ୍ମଜୀବନୀ ରଚନା କ୍ଷେତ୍ରରେ ଓଡ଼ିଆ ସାହିତ୍ୟ ଆଦୌ ଦୁର୍ବଳ ନୁହେଁ । ଅବଶ୍ୟ ବିଗତ ଦେଢ଼ଦଶକର ଯେତେ ଆତ୍ମଜୀବନୀ ରଚନା କରାଯାଇଛି, ତନ୍ମଧ୍ୟରେ ଅଧିକ ଆତ୍ମଜୀବନୀ ହେଉଛି ଶିକ୍ଷାବିତ୍‌ମାନଙ୍କର । ଏହି ସମୟସୀମା ମଧ୍ୟରେ ରଚିତ ହୋଇଥିବା କେତୋଟି ଗୁରୁତ୍ୱପୂର୍ଣ୍ଣ ଆତ୍ମଜୀବନୀ ହେଉଛି-କରୁଣାକର ସୁପକାରଙ୍କ 'ସାଧାରଣ ପୁରୁଷ' (୨୦୧୧), ପ୍ରଫେସର ପଠାଣି ପଟ୍ଟନାୟକଙ୍କ 'ଜୀବନର ଚଲାପଥ' (୨୦୦୮), ପ୍ରଫେସର ଶରତଚନ୍ଦ୍ର ପ୍ରଧାନଙ୍କ 'ସାହିତ୍ୟର ସେବାୟତ' (୨୦୧୧), ପ୍ରଫେସର ଗଙ୍ଗାଧର ବଳଙ୍କ 'ଶିକ୍ଷାବିତ୍‌ର ଆତ୍ମଲିପି' (୨୦୧୩), କବି ଜୟନ୍ତ ମହାପାତ୍ରଙ୍କ 'ପାହିନି ରାତି' (୨୦୧୨), ବରେନ୍ଦ୍ର କୃଷ୍ଣ ଧଳଙ୍କ 'ମୋ ଜୀବନ କାହାଣୀ' (୨୦୧୩) ପ୍ରତିଭା ରାୟଙ୍କ 'ପଦ୍ମ ପତ୍ରରେ ଜୀବନ'(୨୦୧୪), ଡାକ୍ତର ସିନ୍ଧୁ ପଣ୍ଡାଙ୍କ 'ଜୀବନର ଢେଉ' (୨୦୧୪), ଅଚ୍ୟୁତାନନ୍ଦ ସାମଲଙ୍କ 'ଅଲିଭା ଅନୁଭବ' (୨୦୧୪), ବଳରାମ ମିଶ୍ରଙ୍କ 'ଆଜିବି ମନେପଡ଼େ'(୨୦୧୪), ଗୁରୁରମଣୀ ରଞ୍ଜନ ଜେନାଙ୍କ 'ରେମୁଣାରୁ ରେମୁଣା ପର୍ଯ୍ୟନ୍ତ'(୨୦୧୪), ଦାର୍ଶନିକ ଗଣେଶ୍ୱର ଦାସଙ୍କ 'ମନେପଡ଼େ' (୨୦୧୪), ଡାକ୍ତର ଜ୍ୟୋତିରଞ୍ଜନ ପଣ୍ଡାଙ୍କ 'ଚଲାବାଟ' (୨୦୧୪), ଉମେଶ ପଟ୍ରୀଙ୍କ 'ଧୂଳି ମାଟିର ଜୀବନ' (୨୦୧୪), ରତ୍ନାକର ଚଇନିଙ୍କ 'ଜୀବନର କମାର ଶାଳ' (୨୦୧୪), ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ 'ମୋ ଜୀବନ ଅନ୍ୟ ଏକ ଉପନ୍ୟାସ' (୨୦୧୪), ଶୁଭେନ୍ଦୁ ମୋହନ

ଶ୍ରୀଚନ୍ଦନସିଂହଙ୍କ ' ମୁଁ ମୋର ମାତୃଭାଷା; ମୋ ଜୀବନ' (୨୦୧୪), କୃଷ୍ଣ ଚରଣ ବେହେରାଙ୍କ 'ଆଖିର ଦେଖା ପ୍ରାଣର କଥା', ସାତକଡ଼ି ହୋତାଙ୍କ 'ଦୀର୍ଘ ରୋମାଞ୍ଚକର ଯାତ୍ରା', ଗୁଣନିଧି ମହାପାତ୍ରଙ୍କ 'ମୋ କଥା ମୋ ବ୍ୟଥା', ସଂଘମିତ୍ରା ମିଶ୍ରଙ୍କ 'ସବିଚ୍ଛାର ସହସ୍ର ଧାରା' (୨୦୧୫), ଦୀନବନ୍ଧୁ ଦାସଙ୍କ 'କଳାକାରର କାହାଣୀ' (୨୦୦୦), ଡାକ୍ତର ବୀଣାଦେବୀଙ୍କ 'ଅକିଞ୍ଚନର ଜୀବନସ୍ମୃତି' (୨୦୦୦), ମଙ୍ଗୁଲୁ ଚରଣ ବିଶ୍ୱାଳଙ୍କ 'ହଜିଲା ଦିନର ସ୍ମୃତି' (୨୦୦୦), ଜଗନ୍ନାଥ ମହାନ୍ତିଙ୍କ 'ମୋ ଜୀବନ କଥା' (୨୦୦୧), କାଳି ପ୍ରସାଦ ମିଶ୍ରଙ୍କ 'ଆତ୍ମକଥା'(୨୦୦୧), ଗିରିଜାଭୂଷଣ ପଟ୍ଟନାୟକଙ୍କ 'ଜୀବନର ବାଟେଘାଟେ' (୨୦୦୧), ହୃଦାନନ୍ଦ ରାୟଙ୍କ 'ଜାଣେ ଅନୁଭବୀ ଅନୁଭବରେ' (୨୦୦୨), ନିତ୍ୟାନନ୍ଦ ଶତପଥୀଙ୍କ 'ପ୍ରେମ ଓ ପ୍ରତାରଣା' (୨୦୦୯), 'ପ୍ରେମ ଓ ପରିତାପ' (୨୦୧୦), 'ଶୈଶବରୁ ଅବସର' (୨୦୧୩)।

ଏହି ଆଲୋଚନା ପ୍ରସଙ୍ଗରେ ଆତ୍ମଜୀବନୀର ଆବଶ୍ୟକତା କଥାବସ୍ତୁ ସମ୍ବନ୍ଧରେ ନିମ୍ନରେ ପର୍ଯ୍ୟାୟକ୍ରମେ ଆଲୋଚନା କରାଯାଇଅଛି । ମନୁଷ୍ୟ ଜୀବନରେ ସଂଗ୍ରାମର କଥା :-

ସଂଗ୍ରାମ କରିବା ହେଉଛି ବୋଧହୁଏ ଏହି ସୃଷ୍ଟିର ନିୟମ । ସୃଷ୍ଟିର ପ୍ରତିକ୍ଷେତ୍ରକୁ ଅନୁଧ୍ୟାନ କଲେ ପ୍ରତି ଛତ୍ରେ ଛତ୍ରେ ଏହାକୁ ଅନୁଭବ କରାଯାଇପାରେ । ତେଣୁ ସୃଷ୍ଟିର ଏହି ନିୟମରୁ ମନୁଷ୍ୟ ଅବା ଅଲଗା ହୋଇଥାନ୍ତା କିପରି ! ସେ ମାତୃଗର୍ଭରୁ ଭୂମିଷ୍ଠ ହେବା ପରଠୁ ସଂଗ୍ରାମ କରିବା ଆରମ୍ଭ କରିଦେଇଥାଏ । ଏହା ତାହାର ଜୀବନ ଥିବାଯାଏ ଅହରହ ଚାଲୁଥାଏ । ଏହି କଥାର ସତ୍ୟତା ସାମ୍ପ୍ରତିକ ସମୟରେ ରଚନା କରାଯାଇଥିବା କେତେକ ଆତ୍ମଜୀବନୀକୁ ଅବଲୋକନ କଲେ ତାହା ଆପେ ଆପେ ବାରି ହୋଇପଡ଼େ । ଯଥା-

(କ) ଜଣେ ବଣା ବାଟୋଇର କାହାଣୀ (୨୦୧୩) ।

ଏହି ପୁସ୍ତକଟି ପ୍ରଫେସର ବୈଷ୍ଣବ ଚରଣ ସାମଲଙ୍କ ଆତ୍ମଜୀବନ କାହାଣୀ । ଏଥିରେ ସେ ଉଲ୍ଲେଖ କରିଛନ୍ତି ତାଙ୍କର ଜନ୍ମହୁଏ ୧୯୩୯ ମସିହା ଫେବୃୟାରୀ ମାସ ୨୭ ତାରିଖରେ ଅବିଭକ୍ତ କଟକ ଜିଲ୍ଲାର ତାରିଗାଁରେ । ତାଙ୍କ ପିତାଙ୍କ ନାମ ଶ୍ରୀବସ ସାମଲ । ତାଙ୍କର ଯେତେବେଳେ ଚତୁର୍ଥ/ପଞ୍ଚମ ଶ୍ରେଣୀ, ସେତେବେଳେକୁ ସେ ପିତାଙ୍କୁ ହରାଇଥିଲେ । ତେଣୁ ପରବର୍ତ୍ତୀ ପର୍ଯ୍ୟାୟରେ ଅନେକ ଦୁଃଖ କଷ୍ଟ ଭିତରେ ସେ ପାଠ ପଢ଼ିଥିବା କଥା ଉଲ୍ଲେଖ କରିଛନ୍ତି । ଏହି ଆର୍ଥିକ ଦୁରବସ୍ଥା ସକାଶେ ହିଁ ପ୍ରଥମ ପର୍ଯ୍ୟାୟରେ ଉଚ୍ଚଶିକ୍ଷା ଲାଭ କରିପାରି ନଥିଲେ । ସେ ପଢ଼ା ବନ୍ଦ କରି କିଛି ଦିନ ପାଇଁ ଶିକ୍ଷକତା କରିଛନ୍ତି । ପରବର୍ତ୍ତୀ ପର୍ଯ୍ୟାୟରେ ଟେଲିକମ୍ ବିଭାଗରେ ଚାକିରୀରେ ଯୋଗଦାନ କରିଛନ୍ତି । ଅର୍ଥାତ୍ ତାଙ୍କ ଜୀବନରେ ସେ ଛୋଟବେଳୁ ସଂଗ୍ରାମ କରି ଆସିଥିବା କଥା ଉଲ୍ଲେଖ କରିଅଛନ୍ତି ।

(ଖ) ନିଜକଥା (୨୦୧୩) :

ଏହା ପ୍ରାଧ୍ୟାପିକା କବିତା ବାରିକଙ୍କ ଆତ୍ମଜୀବନୀ । ଏଥିରେ ସେ ନିଜ ସମ୍ବନ୍ଧରେ ଉଲ୍ଲେଖ କରିବାକୁ ଯାଇ ତାଙ୍କ କଥା ତାଙ୍କ ସାନଭାଇ ତପନର ମୃତ୍ୟୁ ପାଖରୁ ଆରମ୍ଭ କରିଛନ୍ତି । ସେହିପରି ପରବର୍ତ୍ତୀ ପର୍ଯ୍ୟାୟରେ ତାଙ୍କ ବୋଉଙ୍କୁ ହରାଇଥିବା କଥା କହିଅଛନ୍ତି । ତାଙ୍କ ଅଭାବର ସଂସାରର କଥା ବଖାଣିଛନ୍ତି । ଘରେ ଗାଈମାନଙ୍କ ଯତ୍ନ ବାପା କିପରି ନେଉଥିଲେ ଏବଂ ପରେ ସେମାନଙ୍କୁ ବିକିବା ଅବସରରେ ସେ କିପରି କାନ୍ଦି ପକାଉଥିଲେ ଏସବୁ ନିଶ୍ଚୟ ତାଙ୍କ ଜୀବନ ସଂଘର୍ଷର କାହାଣୀ । ପରେ ପରେ ଯେତେବେଳେ ତାଙ୍କ ଜେଜେମାଙ୍କ ଦେହାନ୍ତ ଘଟେ ଏତେବେଳକୁ ମଧ୍ୟ ଘରର ଆର୍ଥିକ ଅଚଳାବସ୍ଥା ହେତୁ ଉପଯୁକ୍ତ ଚିକିତ୍ସା କରାଯାଇ ପାରିନଥିବା କଥା କହି ଅଛନ୍ତି । ଅର୍ଥାତ୍ ପ୍ରତି ପାହାଚରେ ସେ କିଛି ନା କିଛି ପ୍ରତିବନ୍ଧକ ଅବା ଯାତନାର ସମ୍ମୁଖୀନ ହୋଇଅଛନ୍ତି । ଏହି ଯାତନାକୁ ଅତିକ୍ରମ କରିବା ସକାଶେ ସଂଗ୍ରାମ ହିଁ ଏକମାତ୍ର ପନ୍ଥା ।

(ଗ) ପଦ୍ମ ପତ୍ରରେ ଜୀବନ (୨୦୧୪) : ଜନ୍ମ ତା ୨୧।୧।୧୯୪୪

ଓଡ଼ିଆ ସାହିତ୍ୟର ଅନ୍ୟତମ ସାହିତ୍ୟ ସାଧିକା ପ୍ରତିଭା ରାୟଙ୍କ ଆତ୍ମଜୀବନୀ 'ପଦ୍ମ ପତ୍ରରେ ଜୀବନ' । ଏଥିରେ ସେ ନିଜ ସମ୍ବନ୍ଧରେ ଉଲ୍ଲେଖ କରିବାକୁ ଯାଇ କହିଛନ୍ତି- ସେ ଏକ ବୈଷ୍ଣବ କରଣ ପରିବାରରେ ଜନ୍ମଗ୍ରହଣ କରିଥିଲେ । ଯେଉଁ ପରିବାରରେ ଝିଅମାନଙ୍କୁ ବହୁ କଟକଣା ଭିତରେ ରହିବାକୁ

ପଡୁଥିଲା । ଏପରିକି ସେମାନଙ୍କୁ ଗ୍ରାମ ମଧ୍ୟରେ ମଧ୍ୟ ଅନ୍ୟ କାହା ଘରକୁ ଯିବାର ସୁଯୋଗ ନଥିଲା । କିନ୍ତୁ ପ୍ରତିଭା ରାୟ ପରିବାରର ଏହି ନିୟମକୁ ନମାନି ଗ୍ରାମର ଅନ୍ୟ ସାଙ୍ଗ ମାନଙ୍କ ଘରକୁ ଯାଇଛନ୍ତି । ଏହା ଅତି ସାଧାରଣ ପରିକା ଲାଗୁଥିଲେ ମଧ୍ୟ ଛୋଟ ଝିଅଟି ସକାଶେ ଏକ ବଡ଼ କଥାଟିଏ ଥିଲା । ତାହା ତାଙ୍କ ପାଇଁ ନିଶ୍ଚୟ ଏକ ସଂଘର୍ଷ ବା ସଂଗ୍ରାମ ହିଁ ଥିଲା ।

(ଘ) ସଦିଚ୍ଛାର ସହସ୍ରଧାରା (୨୦୧୫) : ଜନ୍ମ ତା ୨୦।୬।୧୯୫୩

ଏହା ପ୍ରଫେସର ସଂଘମିତ୍ରା ମିଶ୍ରଙ୍କର ଆତ୍ମଜୀବନୀ ପୁସ୍ତକ । ଏଥିରେ ସେ ନିଜ ସମ୍ବନ୍ଧରେ ଉଲ୍ଲେଖ କରନ୍ତି ତାଙ୍କ ବାପାଙ୍କୁ ଯେତେବେଳେ ବାଉନବର୍ଷ ବୟସ ଓ ବୋଉଙ୍କୁ ଏକଚାଳିଶ ବର୍ଷ ବୟସ ସେତେବେଳେ ସେ ତାଙ୍କର କୋଳ ମଣ୍ଡନ କରିଥିଲେ । ତାଙ୍କଠାରୁ ବଡ଼ ଭଉଣୀ ପଚିଶି ବର୍ଷ ବଡ଼ ଥିଲେ । ତେଣୁ ଅତି ଅଲୀଅଳରେ ବଢ଼ିଥିଲେ । ଏଥିପାଇଁ ହିଁ ଟିକେ କଥାରେ ସେ ଡରିଯାଉଥିଲେ, କାନ୍ଦି ପକାଉଥିଲେ । ସ୍କୁଲରେ କେତେବେଳେ ସାର୍ କ'ଣ ପଚାରିଲେ ଡରି ଯାଉଥିଲେ । ବାପାଙ୍କ ସହିତ କ'ଣ ଖାଇଛ ବୋଲି ସାର୍ ପଚାରିଲେ ବୋଲି ସେଦିନ ଡରି ଯାଇଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ବିବାହ ଅନ୍ତେ ପାଠପଢ଼ିଛନ୍ତି । ଏତେ ବେଳକୁ ଝିଅର ମାଆମଧ୍ୟ ହୋଇ ସାରିଥିଲେ । ତେଣୁ ଏହା ତାଙ୍କ ଜୀବନର ଏକ ବଡ଼ ସଂଘର୍ଷ ନିଶ୍ଚୟ ।

ଏହି ପ୍ରକାରେ ଯେଉଁମାନେ ସବୁ ତାଙ୍କ ଆତ୍ମଜୀବନୀ ଲେଖି ଯାଇଅଛନ୍ତି, ସେଥିରେ ତାଙ୍କ ଜୀବନରେ ସେମାନେ ସଂଘର୍ଷ କରିଥିବା କଥା ଲେଖିଛନ୍ତି । ଅବଶ୍ୟ କାହା ଜୀବନରେ କେଉଁ ଧରଣର ସମସ୍ୟା ଆସିଅଛି ତାହା ପରସ୍ପରଠାରୁ ଭିନ୍ନ ହେବା ସ୍ୱାଭାବିକ । କିନ୍ତୁ ତାହାକୁ ସମ୍ମୁଖୀନ ହେବା ସକାଶେ ସଂଗ୍ରାମ କରିବାକୁ ପଡ଼ିବ ହିଁ ପଡ଼ିବ । ଏହା ଥରେ ନୁହେଁ ଏହି ପ୍ରକାରେ ବାରମ୍ବାର କରିବାକୁ ପଡ଼ିଥାଏ । ଏହି ଜୀବନ ଥିବା ପର୍ଯ୍ୟନ୍ତ । ତେଣୁ ପ୍ରକାରାନ୍ତରେ କୁହାଯାଇପାରେ ଜୀବନର ମାନେ ହିଁ ସଂଘର୍ଷ ।

ଜଗତକୁ ଅନୁଭବ କରିବାର କଥା :

ଏହି ବିଶାଳ ଜଗତକୁ ବୁଝିବା ଏହି କ୍ଷୁଦ୍ରମାନବଙ୍କ ସକାଶେ କେବେହେଲେ ମଧ୍ୟ ସମ୍ଭବ ନୁହେଁ । କିନ୍ତୁ ସେ ସମ୍ପୂର୍ଣ୍ଣ ଭାବରେ ବୁଝି ନ ପାରିଲେ ମଧ୍ୟ ନିଜର ସାଧ୍ୟମତେ ବୁଝିବା ସକାଶେ ତାହାର ପ୍ରୟାସ ଅବ୍ୟାହତ ରଖି ଆସିଛି । ଏହି ଧରାପୃଷ୍ଠରେ ଜାତ ହୋଇଥିବା ସମସ୍ତ ମଣିଷ ଏହାକୁ କିଛି ନା କିଛି ମାତ୍ରାରେ ବୁଝିଥାନ୍ତି । ଅବଶ୍ୟ କିଏ କେଉଁ ପ୍ରକାରେ ବୁଝେ । ବୁଝିବାରେ ଏହି ଭିନ୍ନତାକୁ ନେଇ କାହାକୁ ଏହା 'ସୁଖ ଓ ଆନନ୍ଦ'ର ବୋଲି ଦୃଶ୍ୟମାନ ହୋଇଥିବା ବେଳେ ଅନ୍ୟ କାହା ଦୃଷ୍ଟିରେ ଏହା ବିଷାଦରେ ପରିପୂର୍ଣ୍ଣ । ଏହି କଥା କହିଲା ବେଳକୁ ସାନ୍ତାଳୀ ଭାଷାର ସେହି ଲୋକୋକ୍ତିଟି ମନେ ପଡ଼ିଯାଉଅଛି- 'ଧାରତି ପୁରୀତରଦମ୍ ଧାରତିଃକ୍ଷେୟା' ଅର୍ଥାତ୍ ସେମାନଙ୍କ ବିଚାରରେ ଏହି ଧରତୀ ବା ପୃଥିବୀ ହେଉଛି ଏକ ଋଣପୁରୀ । ଏଠାକୁ ଯେଉଁମାନେ ଆସନ୍ତି ସେମାନେ ନିଶ୍ଚୟ ଋଣଗ୍ରସ୍ତ ହିଁ ହେବେ । ମନୁଷ୍ୟ ମାତୃଗର୍ଭରେ ଭ୍ରୁଣ ରୂପରେ ସଞ୍ଚରିତ ହେବା ପାଖରୁ ମଲାଯାଏ ସେ କେତେ ପ୍ରକାର ଋଣ କେଉଁମାନଙ୍କ ପାଖରୁ ଗ୍ରହଣ କରିଥାଏ ତାହା ନିଜେ ମଧ୍ୟ ହିସାବ ରଖିବାକୁ ଅସମର୍ଥ । କେବଳ ଏତିକି ଜାଣେ ଏହି ଋଣପୁରୀକୁ ଆସି ସେ ଋଣୀ ହୋଇ ଯାଇଅଛି ।

ସାହିତ୍ୟିକଟିଏ ଏହି ଜଗତକୁ କେଉଁ ଦୃଷ୍ଟିରେ ଦେଖେ, କ'ଣ ସେ ଅନୁଭବ କରେ ତାହା ତାହାର ଲେଖା ମାଧ୍ୟମରେ ପରିପ୍ରକାଶ କରେ । ସେ ଅନୁଭବ କରିଥିବା କଥାଟି ଅନ୍ୟମାନଙ୍କ ପର୍ଯ୍ୟନ୍ତ ପହଞ୍ଚାଇ ଦେଇଥାଏ । ଯେଉଁମାନେ ଆତ୍ମଜୀବନୀ ଲେଖନ୍ତି ସେମାନେ ତାଙ୍କର ଲେଖାମାଧ୍ୟମରେ ତାହା ହିଁ କରିଥିବା ପରି ଜଣାଯାଇଥାଏ । ଏହି ଯେପରିକି ପ୍ରଫେସର ବୈଷ୍ଣବ ଚରଣ ସାମଲ କୁହନ୍ତି, ସେ ହେଉଛନ୍ତି ଜଣେ ବଣା ବାଟୋଇ । "ମୋର କେହି ତଳେ ବା ଉପରେ, ବାଆଁରେ ବା ଡାହାଣରେ ନାହାନ୍ତି, ନଥିଲେ । ଖୁବ୍ ପିଲାଦିନେ ବାପାଙ୍କୁ ହରାଇ ଗକ୍ଷବାସ, ଗାଈରଖା ଇତ୍ୟାଦି ଭିତର ଦେଇ ପାଠ ପଢ଼ି କେତେ କେତେ ସ୍ତର ଦେଇ ଏବେ ଏଇ ସ୍ଥାନରେ ପହଞ୍ଚିଛି । ଏବେ ମଧ୍ୟ ଅନୁଭବ କରୁଛି ମୋର କେହି ନାହାନ୍ତି ।" ଅର୍ଥାତ୍ ଏହି କଥା ମାଧ୍ୟମରେ ସେ

ତାହା ହିଁ କହିବାକୁ ଚାହିଁଛନ୍ତି; ଏହି ଜଗତରେ କେହି କାହାରି ନୁହଁନ୍ତି । ସମସ୍ତେ ହେଉଛନ୍ତି ଏକାକୀ । କଥାଟି ନୂଆ ହୋଇ ନପାରେ, କିନ୍ତୁ ଜଣେ ନିଜ ବାସ୍ତବ ଜୀବନରେ ଏହାକୁ ଅନୁଭବ କରିବା ପରେ ମନ୍ତବ୍ୟ ଦେବା ଅଧିକ ଗ୍ରହଣଯୋଗ୍ୟ ମନେହୁଏ ।

ପ୍ରାଧ୍ୟାପିକା କବିତା ବାରିକ ତାଙ୍କ ଅନୁଭବର କଥା ଉଲ୍ଲେଖ କରିବାକୁ ଯାଇ ଲେଖିଛନ୍ତି- "ମୋ କ୍ଷୁଦ୍ର ଅନୁଭୂତିର ଜୀବନ ଭିତରେ ଏତିକି ବୁଝିଛି ଆମେ ସମସ୍ତେ ଜଣେ ଜଣେ ମାଛ ଧରାଳି ମାତ୍ର । ସାଂସାରିକ ସମୁଦ୍ରରେ ସୁଖର ଜାଲ ଫିଙ୍ଗି ହିଁ କଟିଯାଏ ସାରା ଜୀବନ । ନା ମିଳେ ସଫଳତା ନା ସାର୍ଥକତା । ବରଂ ଆମେ ସବୁ ପାଇବା ଭିତରେ ବଡ଼ ନିଃସଙ୍ଗ ହୋଇଯାଉ । ସ୍ୱାର୍ଥପର ବି ପାଲଟୁ । ଅନ୍ତିମ ଆଶା ପୂରଣ ହେଲାବେଳକୁ ବା ହେବା ଆଗରୁ ମୃତ୍ୟୁ ତାର ଘଣ୍ଟି ବଜାଇ ଦେଇଥାଏ । ଅପୂର୍ଣ୍ଣ ହୋଇ ରହିଯାଏ ଖାଲି ଆଶା, ସ୍ୱପ୍ନ, ଭଲପାଇବା । ଆଶ୍ଚର୍ଯ୍ୟ ! ତଥାପି ମଣିଷ ପ୍ରିୟବଚନକୁ ହରାଇ ବଞ୍ଚିବା ପାଇଁ ସଳଖି ଠିଆ ହୁଏ । ପୃଷ୍ଠା-୬ । ଅର୍ଥାତ୍ ଏହି ମନୁଷ୍ୟ ଯିଏ ନିଜକୁ ଶ୍ରେଷ୍ଠଜୀବ କହି ଗର୍ବ ଅନୁଭବ କରୁଥାଏ ବାସ୍ତବରେ ସେ କେତେ ଅସହାୟ । ସମସ୍ତଙ୍କ ଗହଣରେ ଥାଇ ମଧ୍ୟ ସେ ନିଃସଙ୍ଗ । ନିଜ ପ୍ରିୟଜନଙ୍କୁ ହରାଇ ମଧ୍ୟ ଜୀବନପ୍ରତି ମୋହ ହେତୁ । ସେ ବଞ୍ଚେ ନିଜପାଇଁ ।

ସଦିଚ୍ଛାର ସହସ୍ରଧାରାରେ ପ୍ରଫେସର ସଂଘମିତ୍ରା ମିଶ୍ର ନିଜ ଅନୁଭବର କଥାକୁ ନେଇ ଲେଖନ୍ତି- " ମୋ ପରମ୍ପରା ମୋତେ କୃତଜ୍ଞ ହେବାକୁ ଶିଖାଇଛି । ମୋ ବାପା, ମାଆ ନାନୀ, ସ୍ୱାମୀ, ଶାଶୁ, ଶ୍ୱଶୁର, ଦେଢ଼ଶୁର, ଯାଆ ଅନ୍ୟାନ୍ୟ ଗୁରୁଜନ, ମୋ ଶିକ୍ଷକମାନେ ସମସ୍ତଙ୍କ ପାଖରେ ମୁଁ ଋଣୀ । ଏ ଋଣ ପରିଶୋଧ କରି ହୁଏନି । ଖାଲି ସ୍ୱୀକାର କରିବାକୁ ହୁଏ । ଅର୍ଥାତ୍ ଏ ସଂସାରରେ ଗୁରୁ ସ୍ଥାନୀୟ ବ୍ୟକ୍ତିବିଶେଷଙ୍କ ପାଖରୁ ଯେଉଁ ଋଣ ଗ୍ରହଣ କରାଯାଇଥାଏ, ତାହା କେବେହେଲେ ମଧ୍ୟ ଫେରାଇ ହୁଏ ନାହିଁ । କେବଳ ସେହି ଋଣକୁ ମାନି ନେବାକୁ ହୁଏ । ତାହାକୁ ମାନ୍ୟତା ଦେବାକୁ ହୋଇଥାଏ । ତେଣୁ ସମସ୍ତେ ଏହି ଜଗତରେ ଋଣଗ୍ରସ୍ତ । ଏହି ଜଗତ ବାସ୍ତବରେ ଏକ ଋଣପୁରୀ ।

ବୈଚିତ୍ରମୟ ଏ ଜଗତ ! ଏ ଜଗତକୁ ବୁଝିବା, ଜାଣିବା, ଏହାର ରହସ୍ୟକୁ ଉନ୍ମୋଚନ କରିବା ଏହା ଏକ ଅସମ୍ଭବ ବ୍ୟାପାର । ଏହା ଜାଣି ମଧ୍ୟ ମନୁଷ୍ୟ ସେହି କାର୍ଯ୍ୟରେ ନିଜକୁ ନିୟୋଜିତ କରି ଆସିଛି । ଆଉ ଏହାକୁ ନ ବୁଝିପାରି ସେଥିରେ ସେ ଆନନ୍ଦ ଅନୁଭବ କରିଛି । ଏଥିରେ ଅନୁଶୋଚନା ବୋଲି କିଛି ନାହିଁ । ନିଜର ଆତ୍ମ ଜୀବନୀରେ ନିଜ ଅନୁଭବର କଥା କହୁ କହୁ ଜୀବନୀକାର ସେହି ଜଗତର କଥା ହିଁ କହିଦେଇଥାଏ । ଯାହାକୁ ସେ ନିଜେ ଅନୁଭବ କରିଛି । କିନ୍ତୁ ! ସତରେ ତାହା କ'ଣ ଜଗତର ବାସ୍ତବ ରୂପ ! ଉତ୍ତରରେ ଆମେ ସମସ୍ତେ ବୋଧହୁଏ ଏକମତ ହେବା ଏହା ନୁହେଁ । ଏହା ତାଙ୍କର ଅନୁଭବ ମାତ୍ର ।

ନିଜକୁ ସମୀକ୍ଷା କରିବାର କଥା :-

କେତେକଙ୍କ ମତରେ ଆତ୍ମଜୀବନୀ ମାଧ୍ୟମରେ ଲେଖକ କେବଳ ନିଜକୁ ପ୍ରଚାର ଏବଂ ପ୍ରସାର କରିଥାଏ । କେତେକ ମଧ୍ୟ ଏହାକୁ ଆତ୍ମ ବଡ଼ିମା ବୋଲି ଅଭିହିତ କରିଥାନ୍ତି । ବାର୍ଣ୍ଣାଡ୍ ଶୋଙ୍କ ପରି ଜଣେ ବିଦ୍ୱାନ all autobiographics are lies. (ସବୁ ଆତ୍ମଜୀବନୀ ମିଥ୍ୟା ବୋଲି ଘୋଷଣା କରିଅଛନ୍ତି) । କିନ୍ତୁ ଏହି ସବୁ ମନ୍ତବ୍ୟ ସମ୍ପୂର୍ଣ୍ଣ ସତ୍ୟ ନୁହେଁ । ଯେଉଁ ଲେଖକମାନେ ମହତ୍ ଉଦ୍ଦେଶ୍ୟ ରଖି ଏହା ଲେଖନ୍ତି ପ୍ରକୃତ ପକ୍ଷରେ ସେମାନେ ନିଜେ ନିଜକୁ ସମୀକ୍ଷା କରିଥାନ୍ତି । ଅର୍ଥାତ୍ ଏହା ଏକ ଆତ୍ମ ସମୀକ୍ଷା ମାତ୍ର । ଏହି ସମୀକ୍ଷା ମାଧ୍ୟମରେ ସେମାନେ ଅନ୍ୟମାନଙ୍କୁ ପ୍ରେରଣା ପ୍ରଦାନ କରିଥାନ୍ତି । ଏହାର ନିଦର୍ଶନ ସ୍ୱରୂପ କବିତା ବାରିକଙ୍କ ଆତ୍ମଜୀବନୀ 'ନିଜ କଥା'ର ଉକ୍ତିକୁ ଗ୍ରହଣ କରାଯାଇପାରେ- "ମୋର ବେଳେ ବେଳେ ମନେ ହୁଏ ମୋ ଜୀବନ ଦୀପରୁ କ୍ରମଶଃ ତେଲ ସରି ଆସୁଛି । ହେଲେ ମୋର ଯେ ଅନେକ କିଛି କହିବାର ଅଛି, ଜାଣିବାର ଅଛି, ପଢ଼ିବାର ଅଛି, ଲେଖିବାର ଅଛି । ମୋ ହାତରେ ସତରେ କ'ଣ ସମୟ ଖୁବ୍ କମ୍ ? ଏହା ହିଁ ଯଦି ସତହୁଏ ତା ହେଲେ ନିଜକୁ ପ୍ରକାଶ ନ କରି ପାରିବାର ଅବଶୋଷ ରହିଯିବ । ତେଣୁ ଏଯାଏ ବଞ୍ଚି ଆସିଥିବା ଜୀବନକୁ ନେଇ କିଛି ଅଙ୍ଗେ ଲିଭା କଥା ଲେଖାଯାଉ । ସେଥିରେ କ'ଣ ଅଛି ? ଜୀବନ ଅଛି ଯେତେବେଳେ ମରଣ ତ ଆସିବ । ସକାଳ ଆସିଲେ ନିଶ୍ଚେ ସଞ୍ଜ ହେବ ।" (ପୃଷ୍ଠା-୯)

ଲେଖିକା ଏଥିରେ ନିଜକୁ ସମୀକ୍ଷା କରିବାକୁ ଯାଇ ନିଜ ଜୀବନର ଅନିଶ୍ଚିତତା କଥା କହିଅଛନ୍ତି । ଯାହା ପ୍ରତ୍ୟେକ ମନୁଷ୍ୟଙ୍କ ସକାଶେ ପ୍ରଯୁଜ୍ୟ । ପୁନଶ୍ଚ ନିଜ ଜୀବନର କାର୍ଯ୍ୟ କଥାମାନ ଉଲ୍ଲେଖ କରିଛନ୍ତି । ଶେଷରେ ମୃତ୍ୟୁକୁ ଏକ ସ୍ୱାଭାବିକ କଥା ଭାବରେ ଗ୍ରହଣ କରିଅଛନ୍ତି । ତାଙ୍କ ନିଜ ସମ୍ବନ୍ଧରେ ପ୍ରଦାନ କରିଥିବା ମନ୍ତବ୍ୟଟି ବାସ୍ତବରେ ପ୍ରତ୍ୟେକ ସଚେତନଶୀଳ ମଣିଷଙ୍କ ପାଇଁ ନିଶ୍ଚୟ ଏକ ପ୍ରେରଣାର ଉତ୍ସ ।

ପ୍ରଫେସର ବୈଷ୍ଣବ ଚରଣ ସାମଲ ତାଙ୍କ ଆତ୍ମଜୀବନୀ ପୁସ୍ତକରେ ନିଜେ କାହିଁକି ଲେଖନ୍ତି ଏହାର ସମୀକ୍ଷା କରିବାକୁ ଯାଇ ମନ୍ତବ୍ୟ ଦିଅନ୍ତି- "ସାହିତ୍ୟ ଏମିତି ଗୋଟିଏ ରାଜ୍ୟ ଯେଉଁଠି ସମସ୍ତେ ସମାନ । ସେଠି ରାଜା-ପ୍ରଜା, ଧନୀ-ଦରିଦ୍ର, ଜାତି-ଅଜାତି ସବୁ ସମାନ । ଗୋଟାଏ ଅନାବିଳ ସହାନୁଭୂତି ସେଠି ଫଲ୍ଗୁ ପରି ଝରିଯାଇଥାଏ । ସାହିତ୍ୟର ବାହୁ ସଦା ପ୍ରସାରିତ ସମସ୍ତଙ୍କୁ ଆପଣେଇ ନେବା ପାଇଁ । ଯେଉଁଠି ସାହିତ୍ୟ ନାରେ ବାହାଦୁରୀ ଦେଖାଇବାର ପ୍ରବଣତାଟିଏ ପ୍ରକାଶ ପାଏ ସେଇଠି ଭେଦ ଆସିଥାଏ । ସଚ୍ଚା ସାହିତ୍ୟ ଓ ସାହିତ୍ୟିକ ସକଳ ଭେଦରୁ ଉର୍ଦ୍ଧ୍ୱରେ ତା'ର ଲକ୍ଷ୍ୟ ଭେଦରେ ଅଭେଦ, ଅନେକରେ ଐକ୍ୟ, ଯାବତୀୟ ବିଭକ୍ତ ସତ୍ତା ଭିତରେ ଏକ ଅବିଭକ୍ତ ସତ୍ତାର ପ୍ରତିଷ୍ଠା । ଏହି କାରଣରୁ ମୁଁ ଭଲପାଏ ସାହିତ୍ୟକୁ ଓ ଲେଖେ ମଧ୍ୟ କିଛି ।"

ସାହିତ୍ୟ ଓ ସାହିତ୍ୟିକଙ୍କ ସମ୍ବନ୍ଧୀୟ ତାଙ୍କର ଏହି ମନ୍ତବ୍ୟଟି ପ୍ରକୃତ ପକ୍ଷରେ ପୃଥିବୀର ସମସ୍ତ ସାହିତ୍ୟର ସାଧକଙ୍କ ସକାଶେ ଗ୍ରହଣ ଯୋଗ୍ୟ । କାରଣ ଏମାନେ ହେଉଛନ୍ତି ସମସ୍ତ ସଂକୀର୍ଣ୍ଣତାରୁ ଉର୍ଦ୍ଧ୍ୱରେ । ଏହି ପ୍ରକାରେ ଆତ୍ମଜୀବନୀକାରଗଣ ସେମାନଙ୍କ ଆତ୍ମ ଜୀବନୀରେ ନିଜକୁ ସମୀକ୍ଷା କରିବାକୁ ଯାଇ ଯେଉଁ ସବୁ ମତ ଓ ମନ୍ତବ୍ୟମାନ ପ୍ରଦାନ କରିଥାନ୍ତି, ତାହା ବାସ୍ତବରେ ସମସ୍ତଙ୍କ ସକାଶେ ଉଦ୍ଦିଷ୍ଟ ।

ଆଜିର ସମୟରେ ମଧ୍ୟ ଆତ୍ମଜୀବନୀର ଆବଶ୍ୟକତା ରହିଛି । କାରଣ ଏହି ଆତ୍ମଜୀବନୀଗୁଡ଼ିକ ଆତ୍ମଜୀବନୀକାରଙ୍କୁ କେବଳ ପରିଚିତ କରାଇବା ସକାଶେ ସୀମିତ ନଥାଏ । ସେଥିରେ ମଧ୍ୟ ରହିଥାଏ ତଥାକଥିତ ସମୟର ଅନେକ ଘଟଣାବଳୀ । ଯାହାକୁ ସେହି ଅଞ୍ଚଳର ଇତିହାସ ବୋଲି ମଧ୍ୟ କୁହାଯାଇପାରେ । ଏଥି ସହିତ ଲେଖକ ନିଜକୁ ଯେପରି ଭାବେ ବିଶ୍ଳେଷଣ କରିଥାନ୍ତି ତାହା ନିଶ୍ଚୟ ଅନ୍ୟମାନଙ୍କ ସକାଶେ ପ୍ରେରଣାଦାୟକ । କାରଣ ପ୍ରତ୍ୟେକ ମନୁଷ୍ୟଙ୍କ ଜୀବନରେ କିଛି ନା କିଛି ମହତ୍ ଘଟଣାବଳୀ ରହିଛି ଯାହା ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୁଏ ।

*ସହାୟକ ପ୍ରଫେସର*
*ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ,*
*ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଜ୍ୟୋତିବିହାର,*
*ବୁର୍ଲା - ୭୬୮୦୧୯*